# ଶୀତଳଭଣ୍ଡାର, ମଡେଲ ମଣ୍ଡି ପାଇଁ ଜମି ମିଳୁନି

■ଠିକ୍ ସମୟରେ କର୍ମଚାରୀ ଆସୁନାହାନ୍ତି
■ଆରଏମ୍‌ସି କାର୍ଯ୍ୟାଳୟରେ ତାଲା ପକାଇଲେ ଉପଜିଲାପାଳ
■କାରଣ ଦର୍ଶାଅ ନୋଟିସ ଜାରି, କାର୍ଯ୍ୟାନୁଷ୍ଠାନ ହେବ

ଢେଙ୍କାନାଳ,୩୦।୧୧(ରତନ ନାୟାର)

ଢେଙ୍କାନାଳ ଜିଲାରେ ଶୀତଳଭଣ୍ଡାର ନିର୍ମାଣ ପାଇଁ ୧୫ ବର୍ଷ ହେଲା ଜାଗା ଖୋଜା ଚାଲିଛି। ହେଲେ ଜିଲା ପ୍ରଶାସନକୁ ଏଥିପାଇଁ ଜମି ମିଳୁ ନ ଥିବା ବେଳେ ବହୁ ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ଓ ଦେବୋତ୍ତର ଜମି ଜବରଦଖଲ କରିଛନ୍ତି। ଏ ନେଇ ପ୍ରଶାସନର ଚିନ୍ତା ବଢୁଥିବା ବେଳେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଗୁରୁବାର ଏ ସମ୍ପର୍କରେ ଆଲୋଚନା ପାଇଁ ଉପଜିଲାପାଳ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟକୁ ଯାଇଥିଲେ ହେଁ କର୍ମଚାରୀଙ୍କୁ ନ ପାଇବାରୁ କାର୍ଯ୍ୟାଳୟରେ ତାଲା ପକାଇ ଦେବା ଚର୍ଚ୍ଚାର ବିଷୟ ହୋଇଛି।

ପ୍ରକାଶ ଯେ, ୧୫ବର୍ଷ ତଳେ ସଦର ବ୍ଲକ ଶଙ୍କରପୁରଠାରେ ଏକ ଶୀତଳଭଣ୍ଡାର ଖୋଲିବା ପାଇଁ ଜାଗା ଚିହ୍ନଟ ହୋଇଥିଲା। କିନ୍ତୁ ଉକ୍ତ ଜାଗା ଜଙ୍ଗଲ କିସମ ବୋଲି ଜଣାପଡିବା ପରେ ଶୀତଳଭଣ୍ଡାର ନିର୍ମାଣ ହୋଇପାରିଲା ନାହିଁ। ଜାଗା ଚିହ୍ନଟ ସମୟରେ ପ୍ରଶାସନ କିସମ ଜାଣି ନ ପାରିବା ଅତ୍ୟନ୍ତ ଆଚର୍ଯ୍ୟର ବିଷୟ ବୋଲି କୁହାଯାଉଛି। ସେହିପରି ଢେଙ୍କାନାଳ ନିୟନ୍ତ୍ରିତ ବଜାର କମିଟି କର୍ତ୍ତୃପକ୍ଷଙ୍କ ଠାରେ ମଡେଲ ମଣ୍ଡି ଖୋଲିବା ପାଇଁ ପ୍ରାୟ ୫କୋଟି ଟଙ୍କା ଥିବା ବେଳେ ବିଭିନ୍ନ ସମୟରେ ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ତଥା ଉପଜିଲାପାଳମାନଙ୍କୁ ଏ ସମ୍ପର୍କରେ ପ୍ରସ୍ତାବ ଦିଆଯାଉଥିଲେ ମଧ୍ୟ କେହି ଗୁରୁତ୍ୱ ପ୍ରଦାନ କରୁନାହାନ୍ତି। ସଦର ବ୍ଲକର ପାଞ୍ଚକାହାଣିଆ ନିକଟରେ ଏକ ୧୦ ଏକର ସରକାରୀ ଜାଗା ଥିବାବେଳେ ଏ ସମ୍ପର୍କରେ ଜଣାଇବା ପରେ ମଧ୍ୟ ଜାଗା ମିଳୁନି ବୋଲି ନିୟନ୍ତ୍ରିତ ବଜାର କମିଟି ପାଧ୍ୟକ୍ଷ ଦିଲୀପ ରଥ କହିଛନ୍ତି। ଏସବୁ ସମ୍ପର୍କରେ ଆଲୋଚନା କରିବା ପାଇଁ ଢେଙ୍କାନାଳ ଉପଜିଲାପାଳ ତଥା କମିଟି ଅଧ୍ୟକ୍ଷ ସପନ କୁମାର ନନ୍ଦ ବୁଧବାର ପୂର୍ବାହ୍ନ ୧୦ଟାରେ ସହରସ୍ଥିତ ସିଭିଲ କୋର୍ଟ ନିକଟରେ ଥିବା ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟକୁ ଯାଇଥିଲେ ହେଁ ଜଣେ ହେଲେ କର୍ମଚାରୀ ଆସି ନ ଥିବା ଦେଖି କ୍ଷୋଭ ପ୍ରକାଶ କରିବା ସହିତ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। କମିଟିର ସମ୍ପାଦକ ଛୁଟିରେ ଥିଲେ। ଏଥିସହିତ ସଦର ବ୍ଲକ ଗୋବିନ୍ଦପୁରଠାରେ ୫୫ନଂ ଜାତୀୟ ରାଜପଥ କଡରେ ୨୦୧୧ ମସିହାରେ ପ୍ରତିଷ୍ଠା ହୋଇ ପରିଚାଳନାଗତ ତ୍ରୁଟି ଯୋଗୁ ବର୍ତ୍ତମାନ ପରିତ୍ୟକ୍ତ ଅବସ୍ଥାରେ ପଡିଥିବା ୧୧କୋଟି ଟଙ୍କାର ମ୍ୟାଙ୍ଗୋ ହବ୍‌କୁ ନିୟନ୍ତ୍ରିତ ବଜାର କମିଟି ହାତକୁ ନେବା ପାଇଁ ଚାହୁଁଥିଲେ ମଧ୍ୟ ଏଥିପାଇଁ କୌଣସି ବ୍ୟବସ୍ଥା କରାଯାଉ ନ ଥିବା ଉପାଧ୍ୟକ୍ଷ କହିଛନ୍ତି। ଏ ସଂକ୍ରାନ୍ତରେ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଶ୍ୟାମ ସୁନ୍ଦର ଟୁଡୁ କୁହନ୍ତି, ବାପାଙ୍କ ଦେହ ଖରାପ ଥିବାରୁ ଛୁଟିରେ ଯାଇଥିଲି। ଗୁରୁବାର ଆସିବା ପରେ ଜାଣିଲି, କର୍ମଚାରୀମାନେ ନିର୍ଦ୍ଧାରିତ ସମୟରେ ଆସି ନ ଥିବାରୁ ଉପଜିଲାପାଳ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି। ଏହାପରେ କର୍ମଚାରୀମାନେ ଉପଜିଲାପାଳଙ୍କ ପାଖକୁ ଯାଇ ଅନୁରୋଧ କରିବା ପରେ ତାଲା ଖୋଲାଯାଇଥିଲା। ଏଣିକି ଠିକ୍ ପୂର୍ବାହ୍ନ ୧୦ଟାରେ କର୍ମଚାରୀଙ୍କୁ ଆସିବା ପାଇଁ ତାଗିଦ କରାଯାଇଛି। ନ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କେତେଜଣ କର୍ମଚାରୀ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ପରିଚାଳିତ ସଦର ବ୍ଲକର ବାଲ୍ୟାମ୍ବା, ଓଡାପଡା ବ୍ଲକର ପୋଡାପଡା, ମୋଟଙ୍ଗା, ଗଁଦିଆ ବ୍ଲକର ଯୋରନ୍ଦା ମହିମା ହାଟ ଆଦି ହାଟକୁ ଟିକସ ସଂଗ୍ରହ କରିବାକୁ ଯାଉଥିବାରୁ ମଧ୍ୟ ସମସ୍ୟା ହୋଇଛି। କାର୍ଯ୍ୟାଳୟରେ ମୋଟ ୧୧ଜଣ କର୍ମଚାରୀ ଅଛନ୍ତି। ଏ ସଂକ୍ରାନ୍ତରେ ଉପଜିଲାପାଳ ସପନ କୁମାର ନନ୍ଦ କହିଛନ୍ତି, ମଡେଲ ମଣ୍ଡି, ଶୀତଳ ଭଣ୍ଡାର ଆଦି କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ପାଇଁ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟକୁ ଯାଇଥିଲି। କିନ୍ତୁ ନିର୍ଦ୍ଧାରିତ ସମୟରେ କର୍ମଚାରୀ ଆସି ନ ଥିଲେ। ସେମାନଙ୍କର ଗତିବିଧି ଠିକ୍ ଲାଗିଲାନି। ସେଥିପାଇଁ ତାଲା ପକାଗଲା। କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ।

## ପିଲାଙ୍କୁ ଠିକ୍ ଭାବେ ଗଢ଼ି ତୋଳିବା ଆମ ଦାୟିତ୍ୱ


ଡିସିସି ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ ଅବସରରେ ମଞ୍ଚାସୀନ ଅତିଥିମାନେ।

### ଡିସିସି ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ

ଢେଙ୍କାନାଳ,୩୦।୧୧(ରତନ ନାୟାର)

ଢେଙ୍କାନାଳ ସଚେତନ ନାଗରିକ ଫୋରମ୍ ଦ୍ୱାରା ପରିଚାଳିତ ଡିସିସି ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ ସଭାପତି ବରିଷ୍ଠ ଆଇନଜିବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ, ପିଲାମାନେ ଦେଶର ଭବିଷ୍ୟତ। ସେମାନଙ୍କୁ ଠିକ୍ ଭାବରେ ଗଢ଼ି ତୋଳିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଅନ୍ୟତମ ଅତିଥି ଭାବେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଯୋଗଦେଇ କହିଲେ, ପିଲାମାନଙ୍କୁ ଗଢିବାରେ ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କ ଭୂମିକା ରହିଛି। ଫୋରମ୍ ସମ୍ପାଦକ ଭରତ କୁମାର ଦାସ ଶିକ୍ଷା ସମାଜର ମୁଖ୍ୟ ଅଙ୍ଗ ବୋଲି କହିଥିବା ବେଳେ ଫୋରମ ସଭାପତି ପୂର୍ବତନ ନଗରପାଳ ସୁରେନ୍ଦ୍ର କୁମାର ମିଶ୍ର, ପୂର୍ବତନ ସିବିଆଇ ଜଜ୍ ଭିକାରୀ ଚରଣ ରାଉତ, ମହିଳା ସଭାନେତ୍ରୀ ପ୍ରଭାତୀ ମହାପାତ୍ରଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ ପିଲାଙ୍କୁ ସିଲ୍, ସ୍କେଚ୍‌ପେନ୍, ଡ୍ରଇଁ ଖାତା ଏବଂ ଚକୋଲେଟ ଆଦି ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ଏବଂ ଶିକ୍ଷା ବିଭାଗ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟ ସମ୍ପାଦକ ଆଇନଜୀବୀ ଗୁପ୍ତେଶ୍ୱର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷାବିଭାଗ ପ୍ରମୁଖ ରୁଦ୍ର ମାଧବ ହୋତା ଧନ୍ୟବାଦ ଦେଇଥିଲେ।

## ପଦବୀ ବଜାୟ ରଖିଲେ ଗେଙ୍ଗୁଟିଆ ସରପଞ୍ଚ

ଢେଙ୍କାନାଳ,୩୦।୧୧
(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ଗେଙ୍ଗୁଟିଆ ପଞ୍ଚାୟତର ସରପଞ୍ଚ କୈଳାସ ଦେହୁରୀ ନିଜ ପଦବୀ ବଜାୟ ରଖିଛନ୍ତି। ସରପଞ୍ଚ କୈଳାସ ଲେଖାପଢ଼ା ଜାଣି ନ ଥିବାରୁ ତାଙ୍କ ଠାରୁ ପରାଜିତ ହୋଇଥିବା ପ୍ରାର୍ଥୀ ପୁରୁଷୋତ୍ତମ ଦେହୁରୀ ଢେଙ୍କାନାଳ ସିଭିଲ ଜଜ୍‌ଙ୍କ ଅଦାଲତରେ ଇଲେକ୍ସନ ମିସ୍ କେସ୍ ନଂ-୨।୨୨ରେ ଏକ ମାମଲା ଦାଏର କରିଥିଲେ। ଗତ ଫେବୃୟାରୀ ୨୮ରେ ଏହି ମାମଲାର ଶୁଣାଣି କରି ସିଭିଲ ଜଜ୍ ଅଦାଲତ ବିଚାରପତି ଆଉଥରେ ନିର୍ବାଚନ କରିବା ପାଇଁ ଆଦେଶ ଦେଇଥିଲେ। ଏହାପରେ କୈଳାସ ଢେଙ୍କାନାଳ ଜିଲା ଜଜ୍‌ଙ୍କ ଅଦାଲତରେ ନଂ-ଏଫ୍ଏଓ-୭।୨୩ରେ ଅପିଲ କରିଥିଲେ। ଏହି ମାମଲାରେ ଶୁଣାଣି କରି ଜିଲା ଦୌରାଜଜ୍ ଯାଞ୍ଚ ନିର୍ଦ୍ଦେଶ ଦେଇଥିଲେ। ସିଭିଲ୍ ଜଜ୍ ଅଦାଲତ ବିଚାରପତି ସରପଞ୍ଚ କୈଳାସ ଦେହୁରୀଙ୍କ ଲେଖାପଢା ଯାଞ୍ଚ କରିବା ପରେ ତାଙ୍କୁ ସରପଞ୍ଚ ପାଇଁ ଯୋଗ୍ୟ ବୋଲି ଆଦେଶ ଦେଇଥିଲେ। ଏଥିସହ ପୁରୁଷୋତ୍ତମ କରିଥିବା ମାମଲା ଖାରଜ କରିଥିଲେ। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ବରିଷ୍ଠ ଆଇନଜୀବୀ ଦୀପ୍ତିଶ କୁମାର ପଟ୍ଟନାୟକ ଓ ସରପଞ୍ଚ କୈଳାସଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅକ୍ଷୟ କୁମାର ସର ଓ ପ୍ରଶାନ୍ତ କୁମାର ସାହୁ ମାମଲାକୁ ପରିଚାଳନା କରିଥିଲେ।

## ଝାଡ଼ାବାନ୍ତିରେ ୧୫ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

କାମାକ୍ଷାନଗର,୩୦।୧୧
(ସୁଧୀର ପରିଡ଼ା)

କାମାକ୍ଷାନଗର ଏନ୍ଏସି ୧୪ ନଂ. ୱାର୍ଡ ପୁରୁଣାରେକୁଲା ଗ୍ରାମ ଶବରସାହିରେ ଝାଡାବାନ୍ତିରେ ୧୫ରୁ ଊର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି। ଖବରପାଇ ଜିଲା ସ୍ୱାସ୍ଥ୍ୟବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଶବରସାହିରେ ପହଞ୍ଚି ଝାଡ଼ାବାନ୍ତିର କାରଣ ଓ ନିରାକରଣ ସମ୍ପର୍କରେ ଅନୁଧ୍ୟାନ ଚଳାଇଛି। ଏଥିସହିତ ସାହିର ସମସ୍ତ ପରିବାର ଲୋକଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଛି। ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟଅବସ୍ଥା ଭଲ ଥିବା ଜଣାପଡିଛି। କେହି ଭୟଭୀତ ନ ହୋଇ ସଚେତନ ରହିବା ପାଇଁ ପ୍ରଶାସନ ତରଫରୁ ସାହିବାସିନ୍ଦାଙ୍କୁ ଅନୁରୋଧ କରାଯାଇଛି।

## ବାଇପାସ୍ ରାସ୍ତା ନେଉଛି ଜୀବନ
# ସ୍ଥାୟୀ ସମାଧାନ ପାଇଁ ବୈଠକ


ମାଳପୁରା ରାମମନ୍ଦିରଠାରେ ଅନୁଷ୍ଠିତ ବୈଠକରେ ମାଳପୁରା ଓ ଜିରିଡାମାଳି ଗ୍ରାମବାସୀ ଉପସ୍ଥିତ ଅଛନ୍ତି।

କାମାକ୍ଷାନଗର,୩୦।୧୧(ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ସହର ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥର ମାଳପୁରାଠାରୁ ଜିରିଡାମାଳି ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତାରେ କିଛିଦିନ ମଧ୍ୟରେ ଏକାଧିକ ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଯାଇଛି। ପ୍ରତ୍ୟେକ ଦିନ ଏହି ରାସ୍ତାରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ତରଫରୁ ଅନେକଥର ରାସ୍ତାରୋକୋ ସହ ପ୍ରତିକାର ବ୍ୟବସ୍ଥା ପାଇଁ ଦାବି କରାଯାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ଗୁରୁବାର ମାଳପୁରା ଓ ଜିରିଡାମାଳି ଗ୍ରାମବାସୀ ଏକ ବୈଠକ କରିଥିଲେ। ସ୍ଥାନୀୟ ମାଳପୁରା ରାମମନ୍ଦିରଠାରେ ହୋଇଥିବା ଏହି ବୈଠକରେ କିପରି ତୁରନ୍ତ ଏହି ବାଇପାସ ରାସ୍ତାରେ ଦୁର୍ଘଟଣାକୁ ନିୟନ୍ତ୍ରଣ କରାଯାଇପାରିବ ସେନେଇ ଆଲୋଚନା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଉଭୟ ଗ୍ରାମ ସମେତ କାନପୁରା, ବାଇସିଙ୍ଗା, ବାଲିଗୋରଡ଼ ଆଦି ପଞ୍ଚାୟତବାସୀଙ୍କ ତରଫରୁ କେନ୍ଦ୍ର ସରକାର, ଜାତୀୟ ରାଜପଥ କର୍ତ୍ତୃପକ୍ଷ, ଜାତୀୟ ରାଜପଥ ଓ ସଡ଼କ ପରିବହନ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ସ୍ଥାନୀୟ ବିଧାୟକ, ଢେଙ୍କାନାଳ ଜିଲାପାଳଙ୍କୁ କାମାକ୍ଷାନଗର ଉପଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯିବା ନେଇ ମତପ୍ରକାଶ ପାଇଥିଲା। ଦାବିପତ୍ର ଦେବାର ୭ ଦିନ ମଧ୍ୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଗଲେ ମାଳପୁରା, ଜିରିଡାମାଳି ଗ୍ରାମବାସୀଙ୍କ ସମେତ ଏହି ରାସ୍ତାରେ ନିର୍ଭର କରୁଥିବା ସମସ୍ତ ପଞ୍ଚାୟତବାସୀ ରାସ୍ତା ଅବରୋଧ ସହ ଆମରଣ ଅନଶନରେ ବସିବା ପାଇଁ ନିଷ୍ପତ୍ତି ନେଇଥିଲେ। ବୈଠକରେ ବରିଷ୍ଠ ସଦସ୍ୟ ଭାବେ ପୂର୍ବତନ ସେନା ଅଧିକାରୀ ଡମ୍ବରୁଧର ରାଉତ, ହୃଦୟ ବଲ୍ଲଭ ମିଶ୍ର, ପ୍ରଣବ ରାଉତ, ସୁମନ୍ତ ଜେନା, ଯୁବ ସାମାଜିକ କର୍ମୀ ଦେବୀଦତ୍ତ ମହାପାତ୍ର, ଦେବାଶିଷ ବିଶ୍ୱାଳ, ଉପେନ୍ଦ୍ର ରାଉତ, ଚିତ୍ତରଞ୍ଜନ ପଣ୍ଡା, ଓଡିଶା ମୋଟରଚାଳକ ସଂଘ, କାମାକ୍ଷାନଗର ଶାଖା ସଭାପତି ରବିନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ମାଣ ଶ୍ରମିକଙ୍କୁ ସହାୟତା ବଣ୍ଟନ

ସାତମାଇଲ,୩୦।୧୧(ସୁଶାନ୍ତ କୁମାର ପତି)

ଓଡ଼ାପଡ଼ା ବ୍ଲକ ନିକଟରେ ଥିବା ବାଙ୍ଗୁରସିଂହ କଲ୍ୟାଣ ମଣ୍ଡପଠାରେ ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଶ୍ରମ ଆଯୁକ୍ତ ମୋନାଲିସା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁଗ୍ମ ଆୟୁକ୍ତ ମହେଶ୍ୱର ନାଏକ, ଜିଲା ଶ୍ରମ ଅଧିକାରୀ ସଂଗ୍ରାମ ଦଳେଇ, ଅତିରିକ୍ତ ଶ୍ରମ ଅଧିକାରୀ ହଳଧର ବରାଳ, ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ହିନ୍ଦୋଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ନାୟକ, ଓଡାପଡା ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମିୟକେତନ ସ୍ୱାଇଁ ପ୍ରମୁଖ ଯୋଗଦେଇ ହିତାଧିକାରୀଙ୍କୁ ସହାୟତା ରାଶି ବଣ୍ଟନ କରିଥିଲେ। ଏହି ଶିବିରରେ ୪୭ ଜଣଙ୍କୁ ଶିକ୍ଷା ସହାୟତା, ୪୩୫ ଜଣଙ୍କୁ ବିବାହ ସହାୟତା, ୧୨୫ ଜଣଙ୍କ ପରିବାରକୁ ମୃତ୍ୟୁକାଳୀନ ସହାୟତା ଓ ୧୧୨ ଜଣଙ୍କ ପରିବାରକୁ ଶବଦାହ ନିମନ୍ତେ ସହାୟତା ରାଶି ବଣ୍ଟନ କରାଯାଇଥିଲା। ମୋଟ୍ ୭୧୯ ଜଣଙ୍କୁ ୪ କୋଟି ୬୩ ଲକ୍ଷ ୨୭ ହଜାର ୪୦୦ ଟଙ୍କାର ସହାୟତା ରାଶି ବଣ୍ଟନ କରାଯାଇଥିବା ଆୟୋଜକଙ୍କଠାରୁ ଜଣାପଡିଛି। ଶେଷରେ ଅତିରିକ୍ତ ଶ୍ରମ ଅଧିକାରୀ ହଳଧର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।



ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିରରେ ମଞ୍ଚାସୀନ ଜନପ୍ରତିନିଧି ଓ ଅଧିକାରୀମାନେ।

# ବାରମ୍ବାର ନୋଟିସକୁ ନେଇ ଅସନ୍ତୋଷ

ନାଗିଆପଶି ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ

ଢେଙ୍କାନାଳ,୩୦।୧୧(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ନାଗିଆପଶି ଗ୍ରାମର କେତେଜଣ ଚାଷୀଙ୍କ ନିକଟକୁ ବାରମ୍ବାର ଜମିଜମା ସଂଶୋଧନ ନିମନ୍ତେ ଆସୁଥିବା ନୋଟିସକୁ ନେଇ ସେମାନେ ତିବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାକୁ ନେଇ ଗ୍ରାମବାସୀ ଗୁରୁବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ଜଣାପଡିଛି ଯେ, ଗତ ୨୦୧୧ ମସିହାରେ ହାଇଦ୍ରାବାଦସ୍ଥିତ ଏକ କମ୍ପାନୀ ଗ୍ରାମର କେତେଜଣ ଚାଷୀଙ୍କ ଜାଗାକୁ ଲିଜ୍‌ରେ ନେଇ ସେଠାରେ ପାମୋଲିନ ନର୍ସରୀ ୟୁନିଟ୍ ସ୍ଥାପନ କରିବା ପାଇଁ ଗ୍ରାମର ଚାଷୀ ମାନଙ୍କୁ ଏକ ବୈଠକ କରି ଡାକିଥିଲେ । ସେଥିରେ ଚାଷୀମାନେ ୧୦ବର୍ଷରେ ଲିଜ୍‌ରେ ଜମି ଦେବାକୁ ସହମତି ପ୍ରକାଶ କରି ଦସ୍ତଖତ କରିଥିଲେ । ଏହାକୁ ନେଇ ଗତ ୨୨।୮।୨୦୨୩ରେ ବେଲଟିକିରି ରାଜସ୍ୱ ନିରୀକ୍ଷକଙ୍କ ଠାରୁ ପ୍ରଥମ ନୋଟିସ୍ ଜମିଜମା ସଂଶୋଧନ ନିମନ୍ତେ ଚାଷୀମାନେ ପାଇଥିଲେ । ଏହାକୁ ନେଇ ପରଦିନ ଚାଷୀମାନେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ । ପୁଣିଥରେ ଗତ ୨୩।୩।୨୦୨୩ରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ତହସିଲଦାରଙ୍କ ସହିତ ସମସ୍ତ ଚାଷୀମାନେ ଏକ ଜନଶୁଣାଣି ଶିବିରରେ ଉପସ୍ଥିତ ରହି ଏ ସଂକ୍ରାନ୍ତରେ ଆଲୋଚନା କରିଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇପାରିନଥିଲା। ୧୧ବର୍ଷ ତଳେ ଚାଷୀମାନଙ୍କର ବାପା ମାନେ ଜାଗାକୁ ୧୦ବର୍ଷ ଲିଜ୍ ସୂତ୍ରରୁ ଦେଇଥିଲେ ବୋଲି ଅଭିଯୋଗ କରିଛନ୍ତି। ସେଥିରୁ କେତେଜଣ ମଧ୍ୟ ମୃତ୍ୟୁବରଣ କରିସାରିଛନ୍ତି। ଯେଉଁମାନେ ଅଛନ୍ତି ସେମାନେ କମ୍ପାନୀକୁ ଲିଜ୍ ସୂତ୍ରରେ ଜାଗା ଦେଇଥିବା କହିଛନ୍ତି। ତେଣୁ ଏହାକୁ ଦେଖିଲେ ବର୍ତ୍ତମାନ ଲିଜ୍‌ର ଅବଧି ସରିଯାଇଛି। ତେଣୁ କମ୍ପାନୀ ପ୍ରତିଷ୍ଠିତ ଜାଗା ବର୍ତ୍ତମାନ ଚାଷୀମାନଙ୍କ ବୋଲି ଚାଷୀମାନେ କହିଛନ୍ତି। ଲିଜ୍ ସମ୍ପର୍କରେ ବାରମ୍ବାର ଚାଷୀମାନଙ୍କ ପାଖକୁ ନୋଟିସ୍ ଆସୁଥିବାରୁ ଚାଷୀମାନେ ତହସିଲଦାର ଓ ଜିଲାପାଳଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସମାଧାନ ହୋଇନଥିଲା। ଶେଷରେ ପୁନର୍ବାର ନୋଟିସ ଆସିବାରୁ ଗ୍ରାମର ଚାଷୀ ନିରଞ୍ଜନ ବେହେରା, ପୁରୁଷୋତମ ବେହେରା, ମାୟାଧର ପରିଡା, ନନ୍ଦ କିଶୋର ପରିଡା, ନରହରି ପରିଡା, ଅନନ୍ତ ପରିଡା, ବନ ପରିଡା, ନିତ୍ୟାନନ୍ଦ ପରିଡା, ପ୍ରଫୁଲ୍ଲ ପରିଡା, ବାଇଧର ବେହେରା, ବେଡିଆ ବେହେରାଙ୍କ ସମେତ ମୃତ ବ୍ୟକ୍ତିମାନଙ୍କର ଉତ୍ତରାଧିକାରୀମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।


ଜିଲାପାଳଙ୍କ ଦ୍ୱାରସ୍ଥ ହେବାକୁ ଆସିଥିବା ନାଗିଆପଶି ଗ୍ରାମବାସୀ ।

# ୨ରେ 'ମୁଁ ହେବି ନବୀନ ଓଡ଼ିଶାର ସାରଥି' କର୍ମଶାଳା

ଢେଙ୍କାନାଳ,୩୦।୧୧(ରତନ ନାୟାର)

ଢେଙ୍କାନାଳ ପୌରପରିଷଦ ସମ୍ମିଳନୀ କକ୍ଷରେ ଆସନ୍ତା ଡିସେମ୍ବର ୨ ତାରିଖରେ ରାଜ୍ୟ ଯୁବ ଓ ଛାତ୍ର ନେତୃମଣ୍ଡଳିଙ୍କୁ ନେଇ 'ମୁଁ ହେବି ନବୀନ ଓଡ଼ିଶାର ସାରଥି'' କାର୍ଯ୍ୟକ୍ରମର ଏକ କର୍ମଶାଳା ଅନୁଷ୍ଠିତ ହେବ। ଏହି କର୍ମଶାଳାରେ ବିଜେଡି ଯୁବ ଓ ଛାତ୍ର ବ୍ୟାପାର ସାଧାରଣ ସମ୍ପାଦକ ପ୍ରଣବ ବଳବନ୍ତ ରାୟ, ରାଜ୍ୟ ଯୁବ ବିଜେଡି ସଭାପତି ଡ. ବ୍ୟୋମକେଶ ରାୟ, ରାଜ୍ୟ ଛାତ୍ର ବିଜେଡି ସଭାପତି ଦେବୀରଞ୍ଜନ ତ୍ରିପାଠୀଙ୍କ ସମେତ ଢେଙ୍କାନାଳ ଏମ୍‌ପି ଓ ସମସ୍ତ ବିଧାୟିକା, ବିଧାୟକ ଯୋଗ ଦେବେ। ଏହି ପରିପ୍ରେକ୍ଷୀରେ ଜିଲା ବିଜେଡି କାର୍ଯ୍ୟାଳୟ ଠାରେ ଜିଲା ବିଜୁ ଯୁବ ଜନତା ଦଳ ଓ ଛାତ୍ର ଜନତା ଦଳ ଜିଲା ସଂଗଠନକୁ ନେଇ ଏକ ପ୍ରସ୍ତୁତି ବୈଠକ ବୁଧବାର ଜିଲା ବିଜେଡି ସଭାପତି ଧର୍ମାନନ୍ଦ ପରିଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର ଓ ଜିଲା କୃଷକ ଜନତା ସଭାପତି ନରୋତ୍ତମ ସାହୁ ଉପସ୍ଥିତ ଥିଲେ। ''ମୁଁ ହେବି ନବୀନ ଓଡ଼ିଶାର ସାରଥୀ' କାର୍ଯ୍ୟକ୍ରମରେ ଜିଲାରେ ଥିବା ଯୁବକମାନେ ସାମିଲ ହୋଇ ନୂତନ ଭୋଟର ତାଲିକା ସଂଗ୍ରହ ଏବଂ କ୍ରୀଡ଼ାବିତମାନଙ୍କୁ ଚିହ୍ନଟ କରି ପଞ୍ଜୀକରଣ କରିବା ସହିତ ଛାତ୍ର ସଙ୍ଗଠନକୁ ମଜଭୁତ କରିବାକୁ ବିଭିନ୍ନ ପ୍ରସ୍ତାବ ଆଗତ ହୋଇଥିଲା। ଏଥିସହିତ ଯୁବ ଓ ଛାତ୍ର ବିଜେଡି କର୍ମୀମାନେ ସୋସିଆଲ ମିଡିଆ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଯୋଜନାର ପ୍ରଚାର, ପ୍ରସାର ନିମନ୍ତେ ଦୈନିକ ୫ ମିନିଟ ସମୟ ଦେବା ପାଇଁ କୁହାଯାଇଥିଲା। ଡିସେମ୍ବର ୨୬ ବିଜେଡି ପ୍ରତିଷ୍ଠା ଦିବସରେ ଜିଲାରୁ ୧୨୦୦ ୟୁନିଟ୍ ରକ୍ତ ସଂଗ୍ରହ କରାଯିବା ଲକ୍ଷ୍ୟ ପାଇଁ ଆହ୍ୱାନ ଦିଆଯାଇଥିଲା। ରାଜ୍ୟ ଯୁବ ବିଜେଡି ସମ୍ପାଦକ ଦେବୀପ୍ରସାଦ ପଟ୍ଟନାୟକ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ସତ୍ୟଜିତ ପଟ୍ଟନାୟକ, ଜିଲା ଯୁବ ଓ ଛାତ୍ର କମିଟି କର୍ମକର୍ତ୍ତାଙ୍କ ସମେତ ସମସ୍ତ ବ୍ଲକର ଯୁବ ଓ ଛାତ୍ର ବିଜେଡି ସଭାପତି ଉପସ୍ଥିତ ରହିଥିଲେ। ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ଭାବେ ନୂତନ ଦାୟିତ୍ୱ ପ୍ରଦାନ ପାଇଁ ହିନ୍ଦୋଳ ଏନ୍ଏସି ନଗରପାଳ କେଶବ ଚନ୍ଦ୍ର ପଧାନଙ୍କ ନାମକୁ ରାଜ୍ୟ ନେତୃମଣ୍ଡଳୀଙ୍କ ନିକଟକୁ ପ୍ରସ୍ତାବ ଦିଆଯାଇଥିଲା। ବୈଠକ ପ୍ରାରମ୍ଭରେ ଦିବଂଗତ ଜିଲା ସାଧାରଣ ସମ୍ପାଦକ ତଥା ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ରଞ୍ଜନ ନନ୍ଦଙ୍କ ପରଲୋକରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।


ଯୁବ ଓ ଛାତ୍ର ବିଜେଡିର ପ୍ରସ୍ତୁତି ବୈଠକ।

# ଭାଜପା ଯୁବମୋର୍ଚ୍ଚାର ପ୍ରଶିକ୍ଷଣ ଶିବିର

କାମାକ୍ଷାନଗର,୩୦।୧୧(ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବାଲିଗୋରଡ଼ ନଦୀକୂଳ ଆମ୍ବ ତୋଟାଠାରେ ଗୁରୁବାର ବିଧାନସଭା କ୍ଷେତ୍ରସ୍ତରୀୟ ଭାଜପା ଯୁବମୋର୍ଚ୍ଚର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୋଟର ତାଲିକାରେ ଯୁବଭୋଟରଙ୍କୁ ଅନ୍ତର୍ଭୁକ୍ତ କରିବା ଏବଂ ଆବଶ୍ୟକୀୟ ସଂଶୋଧନ କରିବା ନେଇ ରାଜ୍ୟ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଦୀପକ ଗୋଚ୍ଛାୟତ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏଥିସହିତ ସାମାଜିକ ଗଣମାଧ୍ୟମର ସଦୁପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଧାନସଭା ସଂଯୋଜକ ଜଗବନ୍ଧୁ ପୃଷ୍ଟିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଭାଜପା ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି ଯୋଗଦେଇଥିଲେ।



ଶିବିରରେ ଯୋଗଦେଇଥିବା ଭାଜପା କର୍ମକର୍ତ୍ତାମାନେ।

ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘ୍ନ ଜେନା, ସଂସଦୀୟ କ୍ଷେତ୍ର ସଂଯୋଜକ ପ୍ରେମାନନ୍ଦ ଜେନା, ଜିଲା ଭାଜପା ଉପ ସଭାପତି ସର୍ବଶ୍ରୀ ପବିତ୍ର ବିଶ୍ୱାଳ, ମାତୃପ୍ରସାଦ ନନ୍ଦ, ଶିଶିରକାନ୍ତ ନାୟକ, ମିଡ଼ିଆ ସେଲ ପ୍ରଭାରୀ ଚନ୍ଦନ ବେହେରା, ଦଳୀୟ ନେତ୍ରୀ ନିବେଦିତା ରାଉତ, ବିସ୍ତାରକ ଅଯୋଧ୍ୟା ଜେନାଙ୍କ ସମେତ ସମସ୍ତ ୮ଟି ମଣ୍ଡଳର ସଭାପତି, ଯୁବମୋର୍ଚ୍ଚା ସଭାପତି ଉପସ୍ଥିତ ଥିଲେ। ଆଇଟି ସେଲ୍ ପ୍ରକୋଷ୍ଠ ଆବାହକ ସରୋଜ ବେହେରା ଧନ୍ୟବାଦ ଦେଇଥିଲେ।

**ବାଇକ୍ ଜବତ, ଜଣେ ଗିରଫ**

ବଇଣ୍ଡା,(ପରିକ୍ଷିତ ସାହୁ): ମଦ୍ୟପାନ କରି ଗାଡ଼ି ଚଳାଇବା ଅଭିଯୋଗରେ ଠାକୁରଗଡ଼ ଥାନା ପୋଲିସ ଖଡରାମୁଣ୍ଡା ଅଞ୍ଚଳର ରଞ୍ଜିତ ନାୟକଙ୍କୁ ଗିରଫ କରିଛି। ପୋଲିସ କହିଛି, ରଞ୍ଜିତ ମଦ୍ୟପାନ କରି ବାଇକ ଯୋଗେ ବୁଲୁଥିବାବେଳେ ପୋଲିସ ଯାଞ୍ଚ ସମୟରେ ଧରାପଡ଼ିଥିଲେ। ପୋଲିସ ତାଙ୍କୁ ଗିରଫ କରିଥିଲା।



# ପ୍ରତ୍ୟେକ ପରିବାରରେ ବିକାଶ ବାର୍ତ୍ତା ପହଞ୍ଚାଅ



ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ନେତୃବୃନ୍ଦ।

**ବଇଣ୍ଡା, ୩୦।୧୧ (ପରିକ୍ଷିତ ସାହୁ)**

ଗ୍ରାମାଞ୍ଚଳର କିପରି ବିକାଶ ହୋଇପାରିବ ସେ ନେଇ ନବୀନ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ରାସ୍ତା, ପାନୀୟ ଜଳ, ସମସ୍ତ ପରିବାରକୁ ସ୍ୱାସ୍ଥ୍ୟ ସେବା, ବିଦ୍ୟୁତ ଭଳି ମୌଳିକ ସୁବିଧା ଯୋଗାଇ ଦେଇଛନ୍ତି। ମା'ମାନଙ୍କ ବିକାଶ ପାଇଁ ମିଶନ ଶକ୍ତି ମାଧ୍ୟମରେ ବିନା ସୁଧରେ ଋଣ ଯୋଗାଇ ଦେଉଛନ୍ତି। ତେଣୁ ପ୍ରତ୍ୟେକ ପରିବାର ନିକଟରେ କିଭଳି ଏହି ବିକାଶର ବାର୍ତ୍ତା ପହଞ୍ଚିବ ସେ ନେଇ କର୍ମୀମାନେ ଅଧିକ ଯତ୍ନବାନ ହୁଅନ୍ତୁ। କିଶୋରନଗର ବ୍ଲକ ବଇଣ୍ଡା କଲ୍ୟାଣମଣ୍ଡପ ପରିସରରେ ଚାଲିଥିବା ଆଠମଲ୍ଲିକ ବିଧାନସଭାସ୍ତରୀୟ ବିଜେଡି କର୍ମୀ ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ସଭାରେ ଯୋଗ ଦେଇଥିବା ଅତିଥିମାନେ ଏହି ପରାମର୍ଶ ଦେଇଛନ୍ତି।

ପ୍ରଶ୍ନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ବିଜେଡି ନେତା ନଳିନୀକାନ୍ତ ପ୍ରଧାନ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ସହ ପର୍ଯ୍ୟବେକ୍ଷକ କୁନୁ ବିହାରୀ ଦାସ, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ଅନୁପମା ସାହୁ, କାଜଲ ପଟ୍ଟନାୟକ, କିଶୋରନଗର ବ୍ଲକ ଅଧ୍ୟକ୍ଷା ଶୈରେନ୍ଦ୍ରୀ ପ୍ରଧାନ, ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ଆଠମଲ୍ଲିକ ଏନ୍‌ଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ଉପାଧ୍ୟକ୍ଷ ଗଦାଧର ସାହୁ, ମହେଶ୍ୱର ଦେହୁରୀ, ସରପଞ୍ଚ ଦୀପ୍ତିମୟୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ୩ ଦିନିଆ ଏହି ଶିବିରରେ ଅନୁଗୋଳ, କିଶୋରନଗର, ଆଠମଲ୍ଲିକ ବ୍ଲକର ଅନେକ ପଞ୍ଚାୟତରୁ କର୍ମୀମାନେ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ପର୍ଯ୍ୟବେକ୍ଷକ ଚିନ୍ମୟ ସାହୁ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। କିଶୋରନଗର ବ୍ଲକ ବିଜେଡି ସଭାପତି କୁମୁଦ ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ। ସନ୍ତୋଷ ପ୍ରଧାନ, ରଞ୍ଜନ କୁମାର ସାହୁ, ମାନସ କୁମାର ସାହୁ, ସୁନୀଲ କୁମାର ବିଶ୍ୱାଳ, ସୁଶୀଲ କୁମାର ବିଶ୍ୱାଳ, ଆରୁଣୀ କୁମାର ଆଚାର୍ଯ୍ୟ, ବିନୋଦ ପ୍ରଧାନ ସହଯୋଗ କରିଥିଲେ।

# ୫୦ ୟୁନିଟ୍ ରକ୍ତ ସଂଗ୍ରହ

**ବଇଣ୍ଡା, ୩୦।୧୧ (ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ଗୁରୁବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୈରେନ୍ଦ୍ରୀ ପ୍ରଧାନ, ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ଜିଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, ମହାବିଦ୍ୟାଳୟ ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନ, ଖବରଦାତା ପରିକ୍ଷିତ ସାହୁ, ଅଧ୍ୟାପକ ନିରଞ୍ଜନ ଦାସ, ଚନ୍ଦ୍ର ଶେଖର ସିଂ, ଅଧ୍ୟାପିକା ମଧୁସ୍ମିତା ସାହୁ, ସୁଶ୍ରୀ ଆଦିମାତା ପ୍ରଧାନ, ଶର୍ମିଷ୍ଠା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବଇଣ୍ଡା ତଥା ଆଖପାଖ ଅଞ୍ଚଳରୁ ଯୁବତୀ ଯୁବକମାନେ ଯୋଗଦେଇ ରକ୍ତଦାନ କରିଥିଲେ। ଏଥିରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଅନୁଗୋଳ ବ୍ଲଡ୍ ବ୍ୟାଙ୍କର ଡାକ୍ତର ସତ୍ୟବ୍ରତ ପାଟଯୋଶୀ ଯୋଗଦେଇ ରକ୍ତଦାତାଙ୍କ ରକ୍ତ ଚାପ ପରୀକ୍ଷା କରିଥିଲେ। ମହାବିଦ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।



ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# ବଇଣ୍ଡାରେ କାର୍ତ୍ତିକେଶ୍ୱରଙ୍କ ଭସାଣି



**ବଇଣ୍ଡା, ୩୦।୧୧ (ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ବଇଣ୍ଡା ଓ ବଣିଆ ସାହିରେ ହୋଇଥିବା କାର୍ତ୍ତିକେଶ୍ୱର ପୂଜାର ଭସାଣି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଠାକୁରଙ୍କୁ ଏକ ବିମାନରେ ବସାଇ ଶୋଭାଯାତ୍ରା ମାଧ୍ୟମରେ ନଗର ପରିକ୍ରମା କରାଯାଇଥିଲା। ବାଜା, ବାଣ ସାଙ୍ଗକୁ ଡିଜେ ସାଉଣ୍ଡ ତାଳେ ତାଳେ ପ୍ରଭୁଙ୍କୁ ଚନ୍ଦନ ପୋଖରୀରେ ବିସର୍ଜନ କରାଯାଇଥିଲା। ଶାନ୍ତି ଶୃଙ୍ଖଳାର ସହ ଭସାଣି ହୋଇଥିବା ବେଳେ କମିଟିର ଜିତେନ୍ଦ୍ର ବେହେରା, ଜମ୍ମେଶ୍ୱର ସାହୁ, ସଞ୍ଜୟ ସାହୁ, ବିନୀତ ସାହା, ତପନ ଦାସ, ବିକାଶ ସାହୁ, ରାକେଶ ମିଶ୍ର, ଟିନା ପୃଷ୍ଟି, ରାଜା ଶର୍ମାଙ୍କ ସମେତ କମିଟି କର୍ମ କର୍ତ୍ତାମାନେ ସହଯୋଗ କରିଥିଲେ।

# ଜାତୀୟ ଶିକ୍ଷାନୀତି ସମ୍ପର୍କରେ ଆଲୋଚନା

**କଣିହାଁ,୩୦।୧୧ (ସଚ୍ଚିଦାନନ୍ଦ ପ୍ରଧାନ)**

ସାରା ଭାରତ ଶିକ୍ଷା ବଞ୍ଚାଅ କମିଟି କଣିହାଁ ଶାଖା ପକ୍ଷରୁ ଜାତୀୟ ଶିକ୍ଷାନୀତି ସମ୍ପର୍କରେ ଏକ ଆଲୋଚନାଚକ୍ର ରବିବାର ଗଦାଶିଳା ଗୋଷ୍ଠୀ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭ୍ୟ ମୁନା ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନାରେ ମୁଖ୍ୟ ଆଲୋଚକ ଭାବେ ଏଆଇଏସଇସିର ରାଜ୍ୟ ଉପ ସଭାପତି କ୍ଷୀରୋଦ ଚନ୍ଦ୍ର କର, ମୁଖ୍ୟ ଅତିଥି ଭାବେ କଣିହାଁ ଡିଗ୍ରୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଧନେଶ୍ୱର ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପୀତାମ୍ବର ରାଉଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କମଳ ଲୋଚନ ପ୍ରଧାନ ଯୋଗ ଦେଇଥିଲେ। କେନ୍ଦ୍ର ସରକାର ଲାଗୁ କରିଥିବା ଜାତୀୟ ଶିକ୍ଷାନୀତିର ମାରାତ୍ମକ ଦିଗ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏହି ଶିକ୍ଷାନୀତି ଯୋଗୁ ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, ସମ୍ପ୍ରଦାୟୀକରଣର ରାସ୍ତା ପ୍ରଶସ୍ତ ହେବା ସହିତ ସମାଜରେ କୁସଂସ୍କାର, ଅନ୍ଧବିଶ୍ୱାସ, କୁପମଣ୍ଡୁକତା, ଅପସଂସ୍କୃତି ବହୁଗୁଣିତ ହେବ ବୋଲି ମୁଖ୍ୟ ଆଲୋଚକ ତାଙ୍କ ବକ୍ତବ୍ୟରେ କହିଥିଲେ। ଶିକ୍ଷା ବଞ୍ଚାଅ ଆନ୍ଦୋଳନକୁ ଶକ୍ତିଶାଳୀ କରିବା ପାଇଁ ଆସନ୍ତା ଡିସେମ୍ବର ୧୦ରେ ହେବାକୁ ଥିବା ରାଜ୍ୟସ୍ତରୀୟ ସମ୍ମିଳନୀରେ ବହୁ ସଂଖ୍ୟାରେ ଛାତ୍ର, ଅଭିଭାବକ, ଶିକ୍ଷାବିତ୍, ଶିକ୍ଷାପ୍ରେମୀ ଜନଗଣ ଯୋଗଦେଇ ସଫଳ କରିବାକୁ ସେ ଆହ୍ୱାନ ଦେଇଥିଲେ। ଶିକ୍ଷା ବଞ୍ଚାଅ କମିଟି ବ୍ଲକ ଶାଖା ପକ୍ଷରୁ ପରମାନନ୍ଦ ସାହୁ, ସଦାଶିବ ସିଂ, ବିଜୟ ବେହେରା, ନରୋତ୍ତମ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

# ଶପଥ ନେଲେ ଥାନା କର୍ମଚାରୀ



ପୋଲିସ କର୍ମଚାରୀମାନେ ଶପଥ ଗ୍ରହଣ କରୁଛନ୍ତି।

**ବଇଣ୍ଡା,୩୦।୧୧(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକର ହଣ୍ଡପା, କିଶୋରନଗର, ଆଠମଲ୍ଲିକ ବ୍ଲକର ଠାକୁରଗଡ଼ ଥାନାରେ ରବିବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ହଣ୍ଡପା ଥାନା ସେକେଣ୍ଡ ଅଫିସର ତରଣୀ ସେନ ବଳିଆଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମଚାରୀ ଯୋଗଦେଇ ସମ୍ବିଧାନକୁ ମାନିବା ସହ ଏହାକୁ କାର୍ଯ୍ୟରେ ଲଗାଇବା ପାଇଁ ଶପଥ ଗ୍ରହଣ କରିଥିଲେ। ଏଥିରେ ଏଏସ୍‌ଆଇ ଚିତ୍ତରଞ୍ଜନ ନାୟକ ଉପସ୍ଥିତ ଥିଲେ। ସେହିପରି କିଶୋରନଗର ଥାନାରେ ଆଇଆଇସି ସଙ୍ଗୀତା ମହାପାତ୍ର ସମସ୍ତ କର୍ମଚାରୀଙ୍କୁ ସମ୍ବିଧାନ ସମ୍ପର୍କରେ ଶପଥ କରାଇଥିଲେ। ସେହିପରି ଠାକୁରଗଡ଼ ଥାନାରେ ଆଇଆଇସି ନିର୍ମଳା ଗୋଛାୟତ ସମସ୍ତ କର୍ମଚାରୀଙ୍କୁ ଶପଥ କରାଇଥିଲେ। ଥାନାର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ।

# 'ନୂଆ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ପାଲଲହଡା,୩୦।୧୧(ଦିବ୍ୟଜ୍ୟୋତି ଦାଶ)**

ପାଲଲହଡା ଉପଖଣ୍ଡସ୍ଥିତ ମାଲ୍ୟଗିରି ମହାବିଦ୍ୟାଳୟରେ 'ନୂଆ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୁଧବାର ପାଲଲହଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' କୁଣ୍ଢେଇବିରାଙ୍କ ମନ୍ଦିରରୁ ଛାତ୍ରୀଛାତ୍ରମାନେ ଏକ ମଶାଲ ଯାତ୍ରାରେ ବାହାରି ସହର ପରିକ୍ରମା କରି ମହାବିଦ୍ୟାଳୟରେ ପହଞ୍ଚିଥିଲେ। ପ୍ରଥମେ ଅଧ୍ୟକ୍ଷ ହରେକୃଷ୍ଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ତାଳଚେର ଆଞ୍ଚଳିକ ପରିବହନ ବିଭାଗ ଟ୍ରାଫିକ ଇନ୍ସପେକ୍ଟର ଜିତେନ୍ଦ୍ର କୁମାର ବେହେରାଙ୍କ ଦ୍ୱାରା ସଡ଼କ ସୁରକ୍ଷା ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଟ୍ରାଫିକ ଇନ୍ସପେକ୍ଟର ବେହେରା ସଡ଼କ ସୁରକ୍ଷା ବିଷୟରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ପରେ 'ନୂଆ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ହରେକୃଷ୍ଣ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମାଲ୍ୟଗିରି ମହାବିଦ୍ୟାଳୟରେ ଡିସେମ୍ବର ୨୨ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ଏଥିରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷ ସୂଚନା ଦେଇଛନ୍ତି।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ବଇଣ୍ଡା, ୩୦।୧୧ (ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ଝରାବେରେଣି ପଞ୍ଚାୟତ ପଡିଆ ବନ୍ଧପାଲି ଗ୍ରାମର ଧର୍ମପ୍ରାଣା ମହିଳା ତୁଳାବତୀ ପ୍ରଧାନ (୭୫)ଙ୍କ ବୁଧବାର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ଅସୁସ୍ଥ ଥିଲେ। ସେ ଜଣେ ଧର୍ମପ୍ରାଣ ମହିଳା ଭାବରେ ପରିଚିତ ଥିବାବେଳେ ତାଙ୍କ ପରଲୋକକୁ ନେଇ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପରଲୋକ ବେଳେ ବୋହୂ, ପୁଅ, ଝିଅ, ଜ୍ୱାଇଁଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ।



# ବିଜ୍ଞାନ ମେଳାରେ ୪୭ ପ୍ରକଳ୍ପ ପ୍ରଦର୍ଶିତ

**ବଇଣ୍ଡା,୩୦।୧୧(ପରିକ୍ଷିତ ସାହୁ)**

କିଶୋରନଗର ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ଅନୁଷ୍ଠାନ ପରିସରରେ ଗୁରୁବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। କିଶୋରନଗର ଯୁକ୍ତ ୨ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ କିଶୋରନଗର ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁ, ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ପର୍ଶୁରାମ ଛନ୍ଦ ଯୋଗ ଦେଇଥିଲେ। ଏଥିରେ ୪୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ ଯୋଗଦେଇ କୃତିତ୍ୱ ପ୍ରକଳ୍ପକୁ ପୁରସ୍କୃତ କରିଥିଲେ। ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନ୍ୟତମ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ଧଉରାପାଲି ସରପଞ୍ଚ ସଞ୍ଜିତ ସାହୁ ଯୋଗ ଦେଇଥିଲେ। ଶ୍ରଦ୍ଧାଞ୍ଜଳି ପାଣିଗ୍ରାହୀ, ପ୍ରମୋଦିନୀ ପ୍ରଧାନ ବିଚାରକ ଭାବେ ଯୋଗ ଦେଇଥିଲେ।



ମେଳାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ।

# ୧୬ ଦିନରେ ଗଣଧାରଣା

**ଅନୁଗୋଳ, ୩୦।୧୧ (ଅମିତ କୁମାର ସାମଲ)**

ଚକବନ୍ଦୀ ରେକର୍ଡ ଉଚ୍ଛେଦ ଦାବିରେ ଅନୁଗୋଳ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଗଣଧାରଣା ୧୬ ଦିନରେ ପହଞ୍ଚିଛି। ଅନୁଗୋଳ ଜିଲାର ୯୨ଖଣ୍ଡ ଗ୍ରାମରୁ ଚକବନ୍ଦୀ ଉଚ୍ଛେଦ କରିବାକୁ ଦିନକୁ ଦିନ ଏହି ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ତେବେ ଜିଲାପାଳଙ୍କ ପଦକ୍ଷେପ ପରେ ଟାସ୍କଫୋର୍ସ କମିଟି ରିପୋର୍ଟରେ ଦର୍ଶାଯାଇଛି, ଚକବନ୍ଦୀ କାର୍ଯ୍ୟ ଶେଷ ଠାରୁ ଅଦ୍ୟାବଧି ରୟତମାନେ ଶାବକ ଦଖଲରେ ରହିଛନ୍ତି। କିନ୍ତୁ ଜମି ମାଫିଆମାନେ କୌଶଳରେ ଚକ ଚିହ୍ନଟ କରାଇ ତାହାକୁ ବିକ୍ରୟ କରିବାର ମସୁଧା କରୁଛନ୍ତି। ଚାଷୀ ସୁରକ୍ଷା କମିଟି ସଭାପତି ପ୍ରଦୀପ କୁମାର ପ୍ରଧାନ ଚକବନ୍ଦୀ ରେକର୍ଡ ମୁତାବକ ଚିହ୍ନଟ, ଦଖଲ କିମ୍ବା ରେଜିଷ୍ଟ୍ରେଶନ ନ କରାଇବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏହାଦ୍ୱାରା ଗରିବ ଦୁର୍ବଳ ଚାଷୀମାନେ ପ୍ରଭାବିତ ହେବେ। ନିଜ ଚାଷଜମି ହରାଇବେ ବୋଲି ପ୍ରଧାନ କହିଛନ୍ତି।

# ନୂତନ ଗୃହର ଭୂମିପୂଜା ଉତ୍ସବ

**ଛେଣ୍ଡିପଦା,୩୦।୧୧(ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୋଶଳା ଉଚ୍ଚବିଦ୍ୟାଳୟ ନିକଟରେ ଥିବା ସ୍ୱାଧୀନତା ସଂଗ୍ରାମୀ ଭବନ ପାର୍ଶ୍ୱରେ କୋଶଳା ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସେବା ସଂଘ କାର୍ଯ୍ୟାଳୟ ନୂତନ ଗୃହର ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗଦେଇ ଭୂମିପୂଜା କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେବା ସଂଘ ସଦସ୍ୟମାନଙ୍କର ବହୁ ପ୍ରତୀକ୍ଷିତ ଉକ୍ତ ଗୃହ ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଥିଲା। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କର୍ମଚାରୀ ସେବା ସଂଘ ସଭାପତି ଭାସ୍କର ଚନ୍ଦ୍ର ସାହୁ, ଉପସଭାପତି ଗୋକୁଳା ଚନ୍ଦ୍ର ପ୍ରଧାନ, ସମ୍ପାଦକ ବାଉରୀବନ୍ଧୁ ସାହୁ, ସହସମ୍ପାଦକ ବାମଦେବ ସାହୁ, କୋଷାଧ୍ୟକ୍ଷ ଦୁଃଖବନ୍ଧୁ ସାହୁ, ଉପଦେଷ୍ଟା ବ୍ରଜକିଶୋର ସାହୁ, ବ୍ରଜବନ୍ଧୁ ରାଉଳ, ଦୁର୍ଯ୍ୟୋଧନ ସାହୁ, ଅର୍ଜୁନ ସାହୁ, ଦେବରାଜ ସାହୁ, କୁମୁଦ ଚନ୍ଦ୍ର ସାହୁ, ଜିତେନ୍ଦ୍ର ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା।



ଅବସରପ୍ରାପ୍ତ କର୍ମଚାରୀ ସେବା ସଂଘ କାର୍ଯ୍ୟାଳୟ ନୂତନ ଗୃହର ଭୂମିପୂଜା।

# ଅଭିଯୁକ୍ତଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

**ଅନୁଗୋଳ, ୩୦।୧୧ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ଖମାର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ ସହ ବଳାତ୍କାର ମାମଲାର ଶୁଣାଣି କରି ଅନୁଗୋଳ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜଜ୍ ରୁଦ୍ର ପ୍ରସାଦ ମହାପାତ୍ର ଅଭିଯୁକ୍ତ କଣିହାଁ ଥାନା କିଆଝର ଗାଁର ହେମନ୍ତ କୁମାର ସାହୁ(୨୭)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ତାଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ମାମଲାରୁ ପ୍ରକାଶ ଯେ, ୨୦୨୦ ମାର୍ଚ୍ଚ ୪ରେ ସମ୍ପୃକ୍ତା ନାବାଳିକା (୧୫)ଙ୍କୁ ଚାକିରି କରାଇ ଦେବାର ଲୋଭ ଦେଖାଇ ହେମନ୍ତ ଏକ କାର୍‌ରେ ରାଉରକେଲା ନେଇ ଯାଇଥିଲେ। ସେଠାରେ ତାଙ୍କୁ ବିବାହ କରିବାକୁ ବାଧ୍ୟ କରିଥିଲେ। ଏପରି କି ଏକ ମନ୍ଦିରରେ ଜବରଦସ୍ତ ସିନ୍ଦୂର ପିନ୍ଧାଇବା ପରେ ଏକ ଘରକୁ ନେଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ପରିବାର ଲୋକେ ଝିଅଙ୍କୁ ନ ପାଇ ଖମାର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ନଂ. ୪୫/୨୦ରେ ମାମଲା ରୁଜୁ କରି ରାଉରକେଲାର ବାସନ୍ତୀ କଲୋନୀରୁ ସେହିବର୍ଷ ମେ ୧୦ରେ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ବୟାନ ରେକର୍ଡ ସମୟରେ ଅପହରଣ କରାଯାଇଥିବା ନାବାଳିକା ପୋଲିସକୁ କହିଥିଲେ। ପରେ ପୋଲିସ ଅଭିଯୁକ୍ତ ହେମନ୍ତଙ୍କୁ ଗିରଫ କରିଥିଲା। ମୋଟ ୧୯ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅଦାଲତ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ସରୋଜ କୁମାର ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

## ଡାକ୍ତର ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

**ଅନୁଗୋଳ, ୩୦।୧୧ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦୨୧ ମସିହାରେ କାର୍ଯ୍ୟରତ ଜଣେ ମହିଳା ଡାକ୍ତରଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ଫାଷ୍ଟଟ୍ରାକ୍ କୋର୍ଟ ଜଜ୍ ବିରଞ୍ଚି ନାରାୟଣ ମିଶ୍ର ଅଭିଯୁକ୍ତ ଛେଣ୍ଡିପଦା ଅଞ୍ଚଳର ସୁକାନ୍ତ ବେହେରା(୩୭)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି।

ମାମଲା ଅନୁଯାୟୀ, ୨୦୨୧ ଜୁନ୍ ୨୯ରେ ଅଭିଯୁକ୍ତ ସୁକାନ୍ତ ମହିଳା ଡାକ୍ତରଙ୍କ ପାଇଁ ଖାଇବାକୁ ନେଇ କ୍ୱାର୍ଟର୍ସକୁ ଯାଇଥିଲେ। ତେବେ ମହିଳା ଡାକ୍ତର ଏକୁଟିଆ ଥିବା ଦେଖି ସୁକାନ୍ତ ତାଙ୍କ ଘର ଭିତରକୁ ପଶି ବଳାତ୍କାର କରିଥିଲେ। ଏହି ସମୟରେ ମହିଳା ଡାକ୍ତରଙ୍କ ୨ ଭାଇ ଘର ଭିତରକୁ ଆସୁଥିବା ଜାଣି ସୁକାନ୍ତ ଦୌଡ଼ି ପଳାଇଥିଲେ। ଏ ନେଇ ଛେଣ୍ଡିପଦା ଥାନାରେ ମହିଳା ଡାକ୍ତର ଅଭିଯୋଗ କରିବା ପରେ ପୋଲିସ ନଂ. ୩୦୮/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମୋଟ ୧୧ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅନୁଗୋଳ ଅତିରିକ୍ତ ଜିଲା ଓ ଦୌରା ଜଜ୍ ତଥା ଫାଷ୍ଟ ଟ୍ରାକ୍ କୋର୍ଟ ଅଭିଯୁକ୍ତ ସୁକାନ୍ତଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ପ୍ରଦୀପ କୁମାର ଦାସ ଓ ଅତିରିକ୍ତ ସରକାରୀ ଓକିଲ ତାପସ ରଞ୍ଜନ ମିଶ୍ର ପରିଚାଳନା କରିଥିଲେ।

# ଅଙ୍ଗନୱାଡ଼ିରେ ଚାକିରିକୁ ନେଇ ବାସନ୍ଦ ଅଭିଯୋଗ

କାମାକ୍ଷାନଗର,୩୦।୧୧(ସୁଧୀର ପରିଡ଼ା)

ଅଙ୍ଗନୱାଡ଼ିରେ ଚାକିରି ପାଇବା ଓ ଗ୍ରାମର ଅନ୍ୟ ୨ ଆବେଦନକାରୀ ଦେଇଥିବା ମିଥ୍ୟା ତଥ୍ୟ ସମ୍ପର୍କରେ ଅଭିଯୋଗ କରିବାରୁ ଏକ ପରିବାରକୁ ଗାଁରୁ ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ଏପରି ଘଟଣା ଘଟିଛି ଢେଙ୍କାନାଳ ଜିଲା ଭୁବନ ବ୍ଲକ ଜୟପୁର ଗ୍ରାମରେ।

ଅଭିଯୋଗରେ ଦର୍ଶାଯାଇଛି, ଗ୍ରାମରେ ଥିବା ଅଙ୍ଗନୱାଡିରେ ନିଯୁକ୍ତିକୁ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଗ୍ରାମର ଜ୍ୟୋତିର୍ମୟୀ ପାତ୍ର ଏଥିପାଇଁ ଅବେଦନ କରିଥିଲେ। ପରବର୍ତ୍ତୀ ସମୟରେ ବ୍ଲକ ତରଫରୁ ଆପତ୍ତି ପାଇଁ ନୋଟିସ ଦିଆଯାଇଥିଲା। ଏହାପରେ ଜ୍ୟୋତିର୍ମୟୀ ଅନ୍ୟ ୨ ଆବେଦନକାରୀ ମିଥ୍ୟା ଜାତିଗତ ପ୍ରମାଣପତ୍ର ଦେଇ ଚାକିରି ପାଇଁ ଆବେଦନ କରିଥିବା ବ୍ଲକ ପ୍ରଶାସନକୁ ଅବଗତ କରାଇଥିଲେ। ବିଭାଗ ତରଫରୁ ଏହାର ତଦନ୍ତ କରାଯାଇ ଅନ୍ୟ ୨ ଆବେଦନକାରୀଙ୍କୁ ବାଦ ଦିଆଯାଇଥିଲା। ତେବେ ଏହାକୁ ନେଇ ଗ୍ରାମରେ ବୈଠକ କରାଯାଇ ଜୋତିର୍ମୟୀଙ୍କ ଶ୍ୱଶୁର ଶିବରାମ ମଲ୍ଲିକଙ୍କୁ ଡକାଇ ଅଭିଯୋଗ ଦରଖାସ୍ତ ଫେରାଇ ଆଣିବାକୁ କୁହାଯାଇଥିଲା। ଏହା ନ କରିବାରୁ ଶିବରାମଙ୍କ ପରିବାରକୁ ଗ୍ରାମରୁ ବାସନ୍ଦ କରାଯାଇଥିବା ଶିବରାମ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ କହିଛନ୍ତି, ଅଭିଯୋଗର ତଦନ୍ତ କରାଯାଇ ଶୀଘ୍ର ସମାଧାନ କରାଯିବ।



# ବେଆଇନ ଫାର୍ମ ଖାରଜ ଦାବିରେ ଆନ୍ଦୋଳନ



ପାପ ପାର୍ଟନରଶିପ ଫାର୍ମ ମହାସଂଘ ତରଫରୁ ଆନ୍ଦୋଳନ କରାଯାଉଛି।

ତାଳଚେର,୩୦।୧୧(ମନୋଜ ନନ୍ଦ)

ମହାନଦୀ କୋଇଲା ଖଣି ଲିମିଟେଡ ଜମି କ୍ଷତିଗ୍ରସ୍ତ ପାପ ପାର୍ଟନରଶିପ ଫାର୍ମ ମହାସଂଘ ତରଫରୁ ଶହେରୁ ଉର୍ଦ୍ଧ୍ୱ ଜମି କ୍ଷତିଗ୍ରସ୍ଥ ପ୍ରଜାଙ୍କୁ ନେଇ ଇଲିଗାଲ ଫାର୍ମ ଖାରଜ କରିବା ଦାବିରେ ଗୁରୁବାର ଜଗନ୍ନାଥ କ୍ଷେତ୍ରର ଭୁବନେଶ୍ୱରୀ ଓ ଅନନ୍ତ ଓସିପିରେ ଆନ୍ଦୋଳନ କରାଯାଇଥିଲା। ପରେ ଜଗନ୍ନାଥ କ୍ଷେତ୍ର ଅଧିକାରୀଙ୍କ ସହିତ ଜମିକ୍ଷତିଗ୍ରସ୍ଥ ପ୍ରଜା ପାପ ମହାସଂଘ ଦୀର୍ଘ ସମୟ ପର୍ଯ୍ୟନ୍ତ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟରେ ଆଲୋଚନା କରିଥିଲା। ଆସନ୍ତା ୧୦ ଦିନ ମଧ୍ୟରେ ସ୍ଥାନୀୟ ପ୍ରଶାସନ ସହ ଏକ ବୈଠକ ବସି ସମସ୍ୟାର ସମାଧାନ କରାଯିବ ବୋଲି ଜଗନ୍ନାଥ କ୍ଷେତ୍ର କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା। ଆସନ୍ତା ୧୦ ଦିନ ମଧ୍ୟରେ ସମସ୍ୟା ସମାଧାନ କରା ନ ଗଲେ ବାଧ୍ୟ ହୋଇ ମହାସଂଘ ପକ୍ଷରୁ ୨୪ ଘଣ୍ଟିଆ କୋଇଲା ଖଣି ବନ୍ଦ ଆନ୍ଦୋଳନ କରାଯିବ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଖଣି ବନ୍ଦ ଆନ୍ଦୋଳନରେ ମହାସଂଘ ସଭାପତି ମନମୋହନ ନାଏକ, ସମ୍ପାଦକ କାଳନ୍ଦୀ ବିଶ୍ୱାଳ, ରଞ୍ଜିତା ନାଏକ, ବିନୋଦ ଲାଲ, ଦେବାର୍ଚ୍ଚନ ନାଏକ, ଟିକା ଗୋବିନ୍ଦ ଚନ୍ଦ୍ର ନାଏକ, ଅନିତା ନାଏକ, ଝିଲି ବେହେରା, ଝୁନୁ ବେହେରା, ରିନା ନାଏକ, ପଦ୍ମିନୀ ନାଏକ, ସଞ୍ଜୟ ନାଏକ, ସୁଶାନ୍ତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ନାଳ ବାଲି ଭିତରେ ୨ ନାବାଳକଙ୍କ ମୃତଦେହ

ବଇଣ୍ଡା, ୩୦।୧୧ (ପରିକ୍ଷିତ ସାହୁ)

**ମୃତ୍ୟୁର କାରଣ ଅସ୍ପଷ୍ଟ, ଗ୍ରାମରେ ଚାପା ଉତ୍ତେଜନା**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବାଲିଆମ୍ବ ନିକଟସ୍ଥ ଦୁଇ ମୁହାଣ ନାଳ ବାଲିରେ ପୋତା ହୋଇଥିବା ଅବସ୍ଥାରେ ୨ ନାବାଳକଙ୍କ ମୃତଦେହ ଗୁରୁବାର ଗ୍ରାମବାସୀ ଉଦ୍ଧାର କରିଛନ୍ତି। ମୃତକ ହେଲେ ବାଲିଆମ୍ବ ଗ୍ରାମର କାଳିଆ ବେହେରାଙ୍କ ପୁଅ ବାଦଲ ବେହେରା (୯) ଓ ଜୟନ୍ତ ପ୍ରଧାନଙ୍କ ପୁଅ ସୁରେନ୍ଦ୍ର ପ୍ରଧାନ (୯)। ସମ୍ପୃକ୍ତ ୨ ନାବାଳକଙ୍କ ମୃତ୍ୟୁ କିପରି ହେଲା ସେ ନେଇ କାରଣ ଅସ୍ପଷ୍ଟ ଥିବାବେଳେ ଖବରପାଇ ସନ୍ଧ୍ୟାରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି।

ଗ୍ରାମବାସୀ କହିଛନ୍ତି, ବାଦଲ ଓ ସୁରେନ୍ଦ୍ର ଗ୍ରାମରେ ଥିବା ସରକାରୀ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀରେ ପଢୁଥିଲେ। ସେମାନେ ଗୁରୁବାର ସକାଳୁ ନିଖୋଜ ଥିଲେ। ଅପରାହ୍ନରେ ଉକ୍ତ ନାଳରେ ଗାଧୋଉଥିବା କେତେଜଣ ଯୁବକ ୨ ନାବାଳକଙ୍କ ଗୋଡ ପାଣି ଭିତରେ ଦେଖାଯାଉଥିବା ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ଗ୍ରାମବାସୀ ୨ ନାବାଳକଙ୍କ ମୃତଦେହ ବାଲି ଭିତରୁ ଉଦ୍ଧାର କରିଥିଲେ। ଖବରପାଇ ହଣ୍ଡପା ଆଇଆଇସି ନମିତା ନାୟକଙ୍କ ସହ ପୋଲିସ ଟିମ୍ ପହଞ୍ଚି ଘଟଣା ସମ୍ପର୍କରେ ତଦନ୍ତ ଚଳାଇଛନ୍ତି। କେହି ୨ ନାବାଳକଙ୍କୁ ହତ୍ୟା କରି ନାଳ ବାଲିରେ ପୋତି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଛି। ଏ ନେଇ ହଣ୍ଡପା ଆଇଆଇସି ନମିତା ନାୟକ କହିଛନ୍ତି, ୨ ନାବାଳକ ନାଳ ନିକଟକୁ କଣ୍ଟେଇ କୋଳି ଖାଇବାକୁ ଯାଇଥିଲେ। ବାଲି ଅତଡା ଖସି ସେମାନଙ୍କ ମୃତ ହୋଇଥିବା ଜଣାପଡିଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବ। ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ।

# ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀଙ୍କ ସଫଳତା

କାମାକ୍ଷାନଗର,୩୦।୧୧(ଅମଜାଦ ଖାନ)

ଢେଙ୍କାନାଳ ସହର ଗୋପବନ୍ଧୁ ଟାଉନ ହଲ୍‌ରେ ଅନୁଷ୍ଠିତ କପିଳାସ ମହୋତ୍ସବ ଓ ମାଇକ୍ରୋମିଡିଆର ୨୧ତମ ବାର୍ଷିକ ଉତ୍ସବ ଅବସରରରେ ରାଜ୍ୟସ୍ତରୀୟ ପ୍ରତିଭା ଚୟନ ଓ ସମ୍ମାନ ୨୦୨୩ରେ କାମାକ୍ଷାନଗର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ଦଳଗତ ନୃତ୍ୟ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏହି ଛାତ୍ରୀମାନେ ହେଲେ ଶୁଭଶ୍ରୀ, ପାୟଲ, ବର୍ଷା, ଶ୍ରେୟା, ବିନ୍ଦୁ, ଶ୍ରାବଣୀ, ଆଶା, ଲକି ଓ ଲିପି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଥିବା ଢେଙ୍କାନାଳ ଏମ୍‌ପି ମହେଶ ସାହୁ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏହି ଖବର ଜାଣିବା ପରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରବୋଧ କୁମାର ମହାପାତ୍ର କୃତୀ ଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣେଇବା ସହିତ ଗାଇଡ ଶିକ୍ଷକ ଦୁର୍ଗା ପ୍ରସାଦ ତ୍ରିପାଠୀଙ୍କ ନିରନ୍ତର ପ୍ରୟାସ ଓ ବଳିଷ୍ଠ ମାର୍ଗଦର୍ଶନ ପାଇଁ ଅନେକ ସାଧୁବାଦ ଜଣେଇଥିଲେ। ଏଥିସହିତ ଏହି ନୃତ୍ୟର ନିର୍ଦ୍ଦେଶିକା ବିଦ୍ୟାଳୟର ପୁରାତନ ଛାତ୍ରୀ ସୁଶ୍ରୀ କୃଷ୍ଣାମୟୀ ବିଶ୍ୱାଳଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ସଫଳତା ପାଇଁ ବିଦ୍ୟାଳୟର ସମସ୍ତ ଛାତ୍ରୀ, ଶିକ୍ଷୟିତ୍ରୀ ଶିକ୍ଷକ ତଥା ଶିକ୍ଷା କର୍ମଚାରୀ ଓ ଅଭିଭାବକମାନଙ୍କ ମଧ୍ୟରେ ଆନନ୍ଦ ଲହରୀ ଖେଳିଯାଇଛି।



ଛାତ୍ରୀମାନେ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ

କଣିହାଁ,୩୦।୧୧(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ତହସିଲ ପ୍ରଶାସନ ପକ୍ଷରୁ ଗୁରୁବାର କଣିହାଁ ହାଟ ପଡିଆଠାରେ ଚଢାଉ କରାଯାଇ ଏକ ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଡେରେଙ୍ଗ ପଞ୍ଚାୟତ ବୁଲୁ ବାଲିଘାଟରୁ ଏକ ଚୋରା ବାଲି ବୋଝେଇ ଟ୍ରାକ୍ଟର ଆସୁଥିବା ଖବରପାଇ ତହସିଲଦାର ଚିନ୍ମୟ ଦାସ ଚଢାଉ କରିଥିଲେ। ଯାଞ୍ଚବେଳେ ବାଲି ଚାଲାଣ ରସିଦ ନ ଥିବା ଜାଣିବାକୁ ପାଇଥିଲେ। ପରେ ଉକ୍ତ ଟ୍ରାକ୍ଟରକୁ ଜବତ କରି ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ଅଣାଯାଇଥିଲା। ଅପରାହ୍ନରେ ଟ୍ରାକ୍ଟର ମାଲିକ ୧୦ହଜାର ୧୦୫ ଟଙ୍କା ଜରିମାନା ଦେବା ପରେ ଟ୍ରାକ୍ଟରକୁ ଛାଡି ଦିଆଯାଇଥିବା ଆରଆଇ ଦୀଜବର ସ୍ୱାଇଁ ପ୍ରକାଶ କରଛନ୍ତି।

# ଯୁବ ସମନ୍ୱିତ ବିକାଶ କାର୍ଯ୍ୟକ୍ରମ



ପରଜଙ୍ଗ,୩୦।୧୧(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ ସରାଙ୍ଗ ଇନ୍ଦିରା ଗାନ୍ଧୀ ବୈଷୟିକ ପ୍ରତିଷ୍ଠାନରେ ଗୁରୁବାର ଓଡ଼ିଶା ସରକାରଙ୍କ ନୂଆ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଯୁବ ସମନ୍ୱିତ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୧୧୬ ଜଣ ରକ୍ତଦାନ କରିଥିଲେ। ପ୍ରତିଷ୍ଠାନ ଅଧ୍ୟକ୍ଷ ଡ ପ୍ରଫେସର ସତ୍ୟବ୍ରତ ମହନ୍ତ, ଡେପୁଟି ରେଜିଷ୍ଟ୍ରାର ଦେବୀପ୍ରସାଦ ପାଣି, ଡ ଗୌତମ କୋଥଲ, ପ୍ରଫେସର ହିମାଂଶୁ ଶେଖର ଦାସ, ପ୍ରଫେସର୍ ରାଜୀବ ଲୋଚନ ସାହୁ, ଏସଏସଜି ଉପସଭାପତି ଡ ଆନନ୍ଦ ଗୁପ୍ତା, ଡ ପ୍ରଫେସର୍ କାଶୀନାଥ ବାରିକ, ପ୍ରଫେସର୍ ସଞ୍ଜୟ ପତ୍ର, ପ୍ରଫେସର୍ ବିନୟ ପାତ୍ର, ସରାଙ୍ଗ ପଞ୍ଚାୟତ ସମିତିସଭ୍ୟ ବାସୁଦେବ ଦାସ, ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ ବେହେରା ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏସ୍‌ଏସଜି ସେକ୍ରେଟାରୀ ପାର୍ଥସାରଥି ଦାସ,ମାତୃପ୍ରସାଦ ମହାଖୁଡ, ସତ୍ୟରଞ୍ଜନ ଦାସ, ଆଶିଷ ଖଟୁଆ, ବିନିତାଂଶୁ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଢେଙ୍କାନାଳ ଜିଲା ରେଡକ୍ରସ୍ ରକ୍ତଭଣ୍ଡାରର ଡ. ସିଦ୍ଧାନ୍ତ ଶେଖର ବେଉରାଙ୍କ ଅଧ୍ୟକ୍ଷତାରେ ଏହି ରକ୍ତଦାନ ଶିବିର କରାଯାଇଥିଲା। ରକ୍ତଭଣ୍ଡାରର କର୍ମକର୍ତ୍ତା ବିଜୟ ସେନାପତି, ପରମାନନ୍ଦ ପଣ୍ଡା ଓ ଅନ୍ୟ କର୍ମଚାରୀଙ୍କ ଦ୍ୱାରା ରକ୍ତସଂଗ୍ରହ କରାଯାଇଥିଲା।

# ବିଭିନ୍ନ ରାଜନୈତିକ ଦଳର ସଭ୍ୟଙ୍କୁ ଚେକ ଲିଷ୍ଟ ପ୍ରଦାନ

କାମାକ୍ଷାନଗର,୩୦।୧୧(ସୁଧୀର ପରିଡ଼ା)

କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଗୁରୁବାର ସନ୍ଧ୍ୟାରେ ବିଭିନ୍ନ ରାଜନୈତିକ ଦଳର ସଭ୍ୟଙ୍କୁ ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ଫର୍ମ ୯ , ୧୦ , ୧୧ , ୧୧ ଏ ,୧୧ ବି'ର ସମ୍ପୂର୍ଣ୍ଣ ତାଲିକା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ବାଚନ ଦାୟିତ୍ୱରେ ଥିବା ସହକାରୀ ଜିଲାପାଳ ଦୀପକ ମିଶ୍ର, ବିଜୁ ଜନତା ଦଳର ଧର୍ମାନନ୍ଦ ପରିଡା, ଭାଜପାର ଶିଶିରକାନ୍ତ ନାୟକ, ସରୋଜକାନ୍ତ ବେହେରା, ସଞ୍ଜୟ ରାଉତ, କଂଗ୍ରେସର ଦୁଃଶାସନ ସାହୁ, ଜମାଲ ହୋସେନ ଖାନ ପ୍ରମୁଖ ଉପସ୍ଥିତ ଥିଲେ।



# ନରହରିପୁରକୁ ହରାଇ ତାଳବେଡ଼ା ଚାମ୍ପିୟନ



ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

କାମାକ୍ଷାନଗର,୩୦।୧୧(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଚାନ୍ଦପୁର ପଞ୍ଚାୟତ ଟିପେଇଝରଣ ଖେଳ ପଡିଆଠାରେ କାର୍ତ୍ତିକେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ୧୫ ତମ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ତାଳବେଡ଼ା କ୍ରିକେଟ କ୍ଲବ ଓ ନରହରିପୁର କ୍ରିକେଟ କ୍ଲବ ମଧ୍ୟରେ ଖେଳା ଯାଇଥିଲା। ପ୍ରଥମେ ତାଳବେଡା କ୍ଲବ ବ୍ୟାଟିଂ କରି ୮୮ ରନ କରିଥିଲା। ଜବାବରେ ନରହରିପୁର ୭୮ ରନ କରି ପରାଜିତ ହେଇଥିଲା। ସମୀର ସାହୁ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ହେଇଥିଲେ। ଶତ୍ରୁଜିତ ପ୍ରଧାନ, ଦିପୁନ ସାହୁ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ କଙ୍କଡାହାଡ଼ ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ କୁମାର ଦେହୁରୀ ରନର୍ସ ଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ କ୍ରିକେଟ କ୍ଲବ ସଭାପତି ସୁଶୀଲ ପରିଡା, ସମ୍ପାଦକ ସୁଶାନ୍ତ ପରିଡା, ସାମାଜିକ କର୍ମୀ ମିଟୁ ପରିଡା, ଫକୀର ସାହୁ ଯୋଗ ଦେଇଥିଲେ। କ୍ଲବର ସଦସ୍ୟ ଶତ୍ରୁଜିତ ପ୍ରଧାନ, ସୁଶୀଲ ପରିଡା, ସୁଶାନ୍ତ ପରିଡା, ନରେଶ ପରିଡା, ପିଣ୍ଟୁ ପରିଡା, ସୁମନ୍ତ ପରିଡା ପ୍ରମୁଖ ସହଯୋଗ କରିଥିଲେ।

# ୩ ଜଣଙ୍କୁ ୩ ବର୍ଷ ଲେଖାଏ ଜେଲ

ଅନୁଗୋଳ,୩୦।୧୧ (ଅମିତ ସାମଲ)

**ଲାଞ୍ଚ ନେବା ମାମଲାର ରାୟ ପ୍ରକାଶ**

ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କୁ କପି ଯୋଗାଇ ଦେବାକୁ ହଜାରେ ଟଙ୍କା ଲାଞ୍ଚ ନେବା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଅନୁଗୋଳ ଭିଜିଲାନ୍ସ ଅଦାଲତର ସ୍ପେଶାଲ ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ ମାମଲାର ବିଚାର କରି ତତ୍କାଳୀନ ପରୀକ୍ଷା ନିୟନ୍ତ୍ରକ, ଡେପୁଟି ନିୟନ୍ତ୍ରକ ଓ ଜଣେ ପିଅନଙ୍କୁ ୩ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ସହ ୫ ହଜାର ଟଙ୍କା ଲେଖାଏ ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦେୟ ହେଲେ ୨ ମାସ ଅତିରିକ୍ତ ଜେଲ ଦଣ୍ଡାଦେଶ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ମାମଲାର ବିବରଣୀରୁ ପ୍ରକାଶ, ଛେଣ୍ଡିପଦା ଅଞ୍ଚଳର ଜଣେ ଛାତ୍ର ୨୦୧୧ ମସିହା ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ବଇଣ୍ଡା କିଶୋରଗଞ୍ଜସ୍ଥିତ ରାମୋଦୟ ହାଇସ୍କୁଲରେ ଦେଉଥିଲେ। ଉକ୍ତ ପରୀକ୍ଷା କେନ୍ଦ୍ରରେ କପି ସୁବିଧା ମିଳିବ କହି ତତ୍କାଳୀନ ପ୍ରଧାନଶିକ୍ଷକ ତଥା ପରୀକ୍ଷା ନିୟନ୍ତ୍ରକ ଗେରଚନ୍ଦ୍ର ସାହୁ ଛାତ୍ରଙ୍କ ଅଭିଭାବକଙ୍କୁ ୨ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଛାତ୍ରଙ୍କ ବାପା ପ୍ରଥମେ ହଜାରେ ଟଙ୍କା ଦେଇଥିବାବେଳେ ଆଉ ହଜାରେ ଟଙ୍କା ଦେଇ ନ ଥିଲେ। ପରୀକ୍ଷାର ଦୁଇ ଦିନ ପରେ ବାକି ହଜାରେ ଟଙ୍କା ନ ଦେଲେ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରୁଥିବା ଅଭିଯୋଗରେ ତାଙ୍କୁ ଫେଲ କରାଇ ଦେବାକୁ ପରୀକ୍ଷା ନିୟନ୍ତ୍ରକ ଧମକାଇ ଥିଲେ। ୨୦୧୧ ସେପ୍ଟେମ୍ବର ୩ରେ ଅନୁଗୋଳ ଭିଜିଲାନ୍ସ ସେଠାରେ ଚଢାଉ କରି ଲାଞ୍ଚ ଦେବା ସମୟରେ ସାହୁଙ୍କ ସହ ଡେପୁଟି ପରୀକ୍ଷା ନିୟନ୍ତ୍ରକ ପ୍ରଦୀପ ପ୍ରଧାନ ଓ ଜଣେ ପିଅନଙ୍କୁ ଗିରଫ କରିଥିଲେ। ସ୍ୱତନ୍ତ୍ର ପିପି (ଭିଜିଲାନ୍ସ) ଦିଲୀପ ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ପାଉଁଶ ପାଇଁ ରୋଗୀ ହନ୍ତସନ୍ତ

କଣିହାଁ,୩୦।୧୧(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଚେରୀ ପାଖରେ ଟ୍ରକ ଟ୍ରକ ପାଉଁଶ ବେଆଇନ ଭାବେ ଗଦା ହୋଇଥିବା ଅଭିଯୋଗ ହୋଇଛି। ଫଳରେ ସାମାନ୍ୟ ପବନ ବହିଲେ ପାଖରେ ଥିବା ଜନବସତିର ଭାତ ହାଣ୍ଡିରେ ପାଉଁଶ ପଡୁଛି। ସେହିପରି ମେଡିକାଲ ଭିତରକୁ ପାଉଁଶ ଉଡି ଆସୁଥିବାରୁ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ କଣିହାଁ ତହସିଲଦାର ଚିନ୍ମୟ ଦାସ କହିଛନ୍ତି, ଖୁବ୍‌ଶୀଘ୍ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

# କେନ୍ଦ୍ରମନ୍ତ୍ରୀଙ୍କ ତାଳଚେର ଗସ୍ତ ନେଇ ପ୍ରସ୍ତୁତି

ତାଳଚେର,୩୦।୧୧(ମନୋଜ ନନ୍ଦ)

କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ବିଭାଗ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତା ଡିସେମ୍ବର ୩ରେ ତାଳଚେର ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି। ଗୁରୁଜାଙ୍ଗରେ ନିର୍ମିତ ବ୍ରହ୍ମଲୀନ ପୂଜ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଯୋଗଦେବେ। କେନ୍ଦ୍ରମନ୍ତ୍ରୀଙ୍କ ଏହି ଗସ୍ତକୁ ନେଇ ଭାଜପା ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏ ନେଇ ଗୁରୁବାର ଜଗନ୍ନାଥ କଳାକେନ୍ଦ୍ରରେ ବରିଷ୍ଠ ନେତା କାଳନ୍ଦୀ ସାମଲଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରମନ୍ତ୍ରୀଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ପାଛୋଟି ନିଆଯିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ରତ୍ନାକର ସାହୁ, ରାଜେନ୍ଦ୍ର ସିଂହ, ଜିଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ପୂର୍ବତନ ପୌର ଉପାଧ୍ୟକ୍ଷଙ୍କ ପରଲୋକ

ତାଳଚେର,୩୦।୧୧(ମନୋଜ ନନ୍ଦ)



ତାଳଚେର ପୌରପରିଷଦର ପୂର୍ବତନ ଉପାଧ୍ୟକ୍ଷ ତଥା ୱାର୍ଡ ନମ୍ବର ୫ ବାସିନ୍ଦା ବାବୁଲାର ଅଗ୍ରୱାଲା (୮୯)ଙ୍କ ଗୁରୁବାର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ ଜଣେ ରାଜନେତା, ଠିକାଦାର ଭାବେ ପରିଚିତ ଥିଲେ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଅନୁଗତ ଥିଲେ। ଜନତା ଦଳରେ ଥିବା ସମୟରେ ୧୯୯୨ ମସିହାରେ ତାଳଚେର ପୌରପରିଷଦର ଉପାଧ୍ୟକ୍ଷ ରହିଥିଲେ। ଏହି ଖବର ଜଣପଡ଼ିବା ପରେ ତାଳଚେର ସହରରେ ଶୋକର ଛାୟା ଖେଳିଯାଇଛି। ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ନଗରପାଳ ପବିତ୍ର ଭୁଟିଆ, କାଉନସିଲର ଯଶୋବନ୍ତ ମିଶ୍ର, ଲିପିକା ବେହେରା, ସଞ୍ଜୀବ ବେହେରା, ଆସିଫ ଖାଁ, ପ୍ରକାଶ ସାହୁ, ସରକାରୀ ଓକିଲ ନିର୍ମଳ ତ୍ରିପାଠୀ, ରାଜେନ୍ଦ୍ର ସିଂ ଡିଙ୍ଗା, ନରେଶ ନାଏକ, ଗିରିଜା ମିଶ୍ର, ବିଜେଡି ଜିଲା କୋଷାଧ୍ୟକ ବାନାମ୍ବର ଭୁଟିଆ, ତାଳଚେର ଓକିଲ ସଂଘର ବରିଷ୍ଠ ଆଇନଜୀବୀ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ବୋହୂ, ପୁଅ, ନାତିପ୍ରମୁଖ ଉପସ୍ଥିତ ଥିଲେ।

# ସାଇବର ଠକ ନେଇଗଲେ ଅଢ଼େଇ ଲକ୍ଷ

ଅନୁଗୋଳ,୩୦।୧୧(ଅମିତ ସାମଲ)

ଅନୁଗୋଳ ଜିଲା ଉପକଣ୍ଠରେ ଥିବା ଏକ ଶିଳ୍ପ ସଂସ୍ଥାର କର୍ମଚାରୀ ସାଇବର ଠକେଇର ଶିକାର ହୋଇଛନ୍ତି। ଏ ନେଇ ସେ ସାଇବର ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ନଂ. ୨୬/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ଗୀତା ଗ୍ରାମରେ ରହୁଥିବା ବିଶ୍ୱଜିତ୍ ସିଂହ ଏକ ଶିଳ୍ପ ସଂସ୍ଥାରେ ଯନ୍ତ୍ରୀ ଭାବେ କାର୍ଯ୍ୟ କରନ୍ତି। ସେ ଏକ ଇନ୍‌ସ୍ୟୁରାନ୍ସ କମ୍ପାନୀରେ ଟଙ୍କା ଦେବା ପାଇଁ ଅନ୍‌ଲାଇନରେ ଖୋଜାଖୋଜି କରିଥିଲେ। ଏହି ସମୟରେ ଠକ ଜଣଙ୍କ ବିଶ୍ୱଜିତଙ୍କୁ ଟାର୍ଗେଟ କରିଥିଲେ। ଏହାପରେ ଟଙ୍କା ପୈଠ କରିବା ସମୟରେ ବିଶ୍ୱଜିତ ଠକେଇର ଶିକାର ହୋଇଥିଲେ। ବିଶ୍ୱଜିତ ଇନ୍‌ସ୍ୟୁରାନ୍ସ କମ୍ପାନୀର ଆକାଉଣ୍ଟରେ ଟଙ୍କା ପୈଠ କରିବା ବଦଳରେ ଠକଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ ଟଙ୍କା ପଠାଇ ଦେଇଥିଲେ। ପରେ ସେ ଠକ ହାବୁଡରେ ପଡିଥିବା ଜାଣି ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ ବୋଲି ସୂଚନା ମିଳିଛି।

# ବୁଢେଶ୍ୱର ଶୈବପୀଠରେ ବାଲିଯାତ୍ରା



ଭୁବନ,୩୦।୧୧ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବୁଢେଶ୍ୱର ଶୈବପୀଠରେ ୭ ଦିନ ଧରି ଚାଲିଥିବା ବାଲିଯାତ୍ରା ଏବଂ କାର୍ତ୍ତିକ ପୂର୍ଣ୍ଣମା ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ୨୦ ହଜାରରୁ ଉର୍ଦ୍ଧ୍ୱ ମହିଳାପୁରୁଷ ବ୍ରାହ୍ମଣୀ ନଦୀରେ ବୁଡ ପକାଇଥିଲେ। ପରେ ଶ୍ରଦ୍ଧାଳୁମାନେ ପରିଚାଳନା କମିଟିର ନିୟମ ଅନୁଯାୟୀ ବାବାଙ୍କ ଦର୍ଶନ କରିଥିଲେ। ଏହି ଯାତ୍ରାରେ ଶ୍ରଦ୍ଧାଳୁଙ୍କ ପାଇଁ ସମସ୍ତ ସୁବିଧା କରାଯାଇଥିଲା। ଦୋକାନ ବଜାରରୁ ଘର ଉପକରଣ ସାମଗ୍ରୀ କିଣିବା ପାଇଁ ଲୋକମାନଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳିଥିଲା। ବିଶେଷକରି ମହିଳାମାନେ ରାଇଦାମୋଦର ପୂଜା ସହିତ ବାଲୁକା ପୂଜା କରି ଭଗବାନଙ୍କ ପ୍ରତିମୂର୍ତ୍ତିକୁ ନେଇ ନୃତ୍ୟସଙ୍ଗୀତରେ ମସଗୁଲ ହୋଇଥିଲେ। ମନ୍ଦିର ପରିଚାଳନା କମିଟି, ପ୍ରଶାସନିକ ଅଧିକାରୀ ଯାତ୍ରା ପରିଚାଳନା କରିଥିଲେ।

